## ସଂକ୍ଷେପରେ

### ଚୋରା କେନ୍ଦୁପତ୍ର ସହ ଗାଡ଼ି ଜବତ, ୨ ଗିରଫ

ଆଠମଲ୍ଲିକ,୧୦।୧୨(ଡି.ଏନ.ଏ.)- ଆଠମଲ୍ଲିକ ଡିଏଫ୍‌ଓ ସମ୍ୟକ ସାମନ୍ତରାଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବନ ବିଭାଗ କର୍ମଚାରୀମାନେ ଚଢାଉ କରି ଲକ୍ଷାଧିକ ଟଙ୍କାର ଚୋରା କେନ୍ଦୁପତ୍ର ସହ ଗୋଟିଏ ଟାଟା ଏସିଇ (ନଂ. ଓଡି୧୯ପି-୩୪୭୮) ଜବତ କରିଛନ୍ତି। ଆଠମଲ୍ଲିକ ଥାନା ପତକାଆଡୁ ଆଠମଲ୍ଲିକ ଅଭିମୁଖେ ଏହି ଚୋରା କେନ୍ଦୁପତ୍ର ବୋଝେଇ ଗାଡି ଆସୁଥିବା ଖବରପାଇ ବାହାଲି ରାସ୍ତାରେ ବନ ବିଭାଗ ଟିମ୍ ଜଗି ରହି ଚଢ଼ାଉ କରିଥିଲା। ଏଥିସହ ଚୋରା କାରବାରରେ ସମ୍ପୃକ୍ତି ଅଭିଯୋଗରେ ଆଠମଲ୍ଲିକ ଥାନା ଓଡସିଙ୍ଗା ଗ୍ରାମର ସୁଦାମ ରଣା (୪୫), ଡ୍ରାଇଭର ପ୍ରଶାନ୍ତ ପ୍ରଧାନ (୨୨)ଙ୍କୁ ବନ ବିଭାଗ ଗିରଫ କରିଛି। ଉକ୍ତ ଗାଡିରୁ ୧୧୦ ବଣ୍ଡଲ କେନ୍ଦୁପତ୍ର ଜବତ ହୋଇଛି। ଏହାର ଓଜନ ୫ କୁଇଣ୍ଟାଲ ୪୫ କେଜି ହେବ ବୋଲି ଜଣାପଡିଛି। ଏହି ଚଢାଉରେ ଆଠମଲ୍ଲିକ ଡେପୁଟି ରେଞ୍ଜର କୈଳାସ ସାହୁ, ଫରେଷ୍ଟର ଗରିଜାଶଙ୍କର ପ୍ରସାଦ, ଗାର୍ଡ ଆଲୋକ ମିଶ୍ର ପ୍ରମୁଖ ସାମିଲ ଥିଲେ।

### ବେଆଇନ ମୋରମ ଚାଲାଣ, ଜରିମାନା ଆଦାୟ

ଆଠମଲ୍ଲିକ,୧୦।୧୨(ଡି.ଏନ.ଏ.)- ଆଠମଲ୍ଲିକ ସାନଦୁଧିଆନାଳୀ ପ୍ଲଟ୍ ନଂ ୭୦ରୁ ବେଆଇନ ଭାବେ ମୋରମ ଚାଲାଣ ହେଉଥିବା ଖବରପାଇ ରାଜସ୍ୱ ନିରୀକ୍ଷକ ଚଢ଼ାଉ କରି ଏକ ନମ୍ବର ବିହୀନ ଜେସିବି ଓ ୪ଟି ଟ୍ରାକଟରରୁ ୧ଲକ୍ଷ ୨୫ ହଜାର ଟଙ୍କାର ଜରିମାନା ଆଦାୟ କରିଛନ୍ତି। ରାଜସ୍ୱ ନିରୀକ୍ଷକ ସୁବାସିନୀ ନାଏକ, ଅମିନ ବାସୁଦେବ ପ୍ରଧାନ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢାଉ କରିଥିଲେ।

# ଏମ୍‌ସିସିକୁ ବିରୋଧ, ଫେରିଲା ପୌରପାଳିକା

**ଅନୁଗୋଳ ଅଫିସ, ୧୦।୧୨**

ଅନୁଗୋଳ ପୌରପାଳିକା ଅନ୍ତର୍ଗତ ମିଶ୍ରପଡ଼ା ହାଇଟେକ୍ ନର୍ସରୀ ନିକଟରେ ଏମ୍‌ସିସି ପ୍ରକଳ୍ପକୁ ମଙ୍ଗଳବାର ପୁଣି ସ୍ଥାନୀୟ ଲୋକମାନେ ବିରୋଧ କରିଛନ୍ତି। ଫଳରେ ଘଟଣାସ୍ଥଳକୁ ଯାଇଥିବା ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ କାର୍ଯ୍ୟ ଆରମ୍ଭ କରି ନ ପାରି ପୌର କର୍ତ୍ତୃପକ୍ଷ ଫେରି ଯାଇଛନ୍ତି। ଏପରି କି ସ୍ଥାନୀୟ ଲୋକେ କାର୍ଯ୍ୟ କରାଇଦେଉ ନ ଥିବା ନିର୍ବାହୀ ଅଧିକାରୀ ବିନୋଦଚନ୍ଦ୍ର ପଣ୍ଡା ଜିଲାପାଳ ଓ ଏସ୍‌ପିଙ୍କୁ ଅବଗତ କରିଛନ୍ତି। ଉଭୟଙ୍କ ନିକଟରେ ଅଭିଯୋଗ ପରେ ଘଟଣାର ତଦନ୍ତ କରିବାକୁ ଏସ୍‌ପି ଅନୁଗୋଳ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପୌର ନିର୍ବାହୀ ଯନ୍ତ୍ରୀଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରକଳ୍ପ ନିର୍ମାଣ ସ୍ଥାନକୁ ଯାଇଥିଲା। ଉକ୍ତ ଟିମ୍ ସହ ମାଜିଷ୍ଟ୍ରେଟ ଦୋଳଗୋବିନ୍ଦ ସାହୁ ଓ ଅନୁଗୋଳ ପୋଲିସର ଅଧିକାରୀମାନେ ମଧ୍ୟ ଯାଇଥିଲେ। ତେବେ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବା ପାଇଁ ପୂର୍ବରୁ ସେଠାରେ



ନିର୍ମାଣ କାର୍ଯ୍ୟକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି।

ସ୍ଥାନୀୟ ଲୋକମାନେ ରୁଣ୍ଡ ହୋଇଥିଲେ। ଏହାପରେ ପୌରପ୍ରଶାସନ, ମାଜିଷ୍ଟ୍ରେଟ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଲୋକଙ୍କ ବିରୋଧ ଆରମ୍ଭ ହୋଇଥିଲା। ଜୋରଦାର ବିରୋଧ ଯୋଗୁ ନିର୍ମାଣ କାର୍ଯ୍ୟ କରିବାକୁ ଯାଇଥିବା ପୌର ଅଧିକାରୀଙ୍କ ସହ ମାଜିଷ୍ଟ୍ରେଟ ଓ ପୋଲିସ ନିରୁପାୟ ହୋଇ ଫେରି ଯାଇଥିଲେ। ପରେ ନିର୍ବାହୀ ଅଧିକାରୀ ଘଟଣା ସମ୍ପର୍କରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଆଲୋଚନା କରିଥିଲେ। ଏପରି କି ଏସ୍‌ପିଙ୍କୁ ଭେଟି ମଧ୍ୟ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ତେବେ ଏସ୍‌ପି ପୋଲିସ ଫୋର୍ସ ଲଗାଇ କାର୍ଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବାବେଳେ ଅନୁଗୋଳ ଏସ୍‌ଡିପିଓ ଅଶ୍ୱନୀ ସାହୁଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିବା ନିର୍ବାହୀ ଅଧିକାରୀ ପଣ୍ଡା ସୂଚନା ଦେଇଛନ୍ତି। ଏବେ ମିଶ୍ରପଡାରେ

- ଜିଲାପାଳ, ଏସ୍‌ପିଙ୍କ ସହ ନିର୍ବାହୀ ଅଧିକାରୀଙ୍କ ଆଲୋଚନା
- ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଏସ୍‌ପି

ପ୍ରକଳ୍ପକୁ ସ୍ଥାନୀୟ ଲୋକମାନେ ବିରୋଧ କରୁଥିବାରୁ ନିର୍ମାଣ କାର୍ଯ୍ୟ ଜଟିଳ ହେବାରେ ଲାଗିଛି। ଏପରି କି ସ୍ଥାନୀୟ ଲୋକମାନେ ଏମ୍‌ସିସିକୁ ବିରୋଧ କରିବା ସହ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ମଧ୍ୟ ଦାବି କରିଛନ୍ତି। ଅଞ୍ଚଳବାସୀ କହିଛନ୍ତି ଯେ, ସହରରେ ଏତେ ସ୍ଥାନ ଥିଲେ ମଧ୍ୟ କାହିଁକି ଏଠାରେ ପୌରପାଳିକା ଏମ୍‌ସିସି ନିର୍ମାଣ କରୁଛି। ଏହା ହେବା ପରେ ସ୍ଥାନୀୟ ବାସିନ୍ଦାଙ୍କ ରହିବା ମୁସକିଲ୍ ହୋଇପଡ଼ିବ। ଦୁର୍ଗନ୍ଧରେ ନାକ ଫାଟିବ। ଏପରି କି ସୁସ୍ଥ ବାତାବରଣ ଥିବା ସ୍ଥାନଟିରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବ। ତେଣୁ ଏହାକୁ ବିରୋଧ କରାଯାଉଛି ବୋଲି ସ୍ଥାନୀୟ ଲୋକେ କହିଥିଲେ।

# ୧୭ତମ ଗ୍ରାମାଞ୍ଚଳ କ୍ରୀଡ଼ା ଉଦ୍‌ଘାଟିତ



**ତାଳଚେର,୧୦।୧୨(ନି.ପ୍ର.)**

ଏନ୍‌ଟିପିସି କଣିହାଁ ଠାରେ ୧୭ତମ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏନ୍‌ଟିପିସି କଣିହାଁ ଆନୁକୂଲ୍ୟରେ ତଥା କଣିହାଁ ସ୍ପୋର୍ଟସ କାଉନସିଲ ସହଯୋଗରେ ଅନୁଷ୍ଠିତ ଏହି ୪ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କଣିହାଁ ବ୍ଲକର ୩୦ ସ୍କୁଲରୁ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରକଳ୍ପର ସିଏସ୍‌ଆର୍ ଯୋଜନାରେ ଗତ ୧୭ବର୍ଷ ହେବ ଏପରି ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଏନ୍‌ଟିପିସି କଣିହାଁର ଚିଫ୍ ଜେନେରାଲ ମ୍ୟାନେଜର ସୁଦୀପ ନାଗ କ୍ରୀଡ଼ା ପତାକା ଦେଖାଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଖେଳାଳିମାନେ ଶାରୀରିକ ଏବଂ ମାନସିକସ୍ତରରେ ସୁସ୍ଥ ରହିବାର ଆବଶ୍ୟକତା ଉପରେ ନାଗ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ହାରିବାରେ ଭାଙ୍ଗି ନ ପଡ଼ି ପ୍ରତିଯୋଗୀମାନେ ଏହାକୁ ସଫଳତାର ପାହାଚ ଭାବେ ଗ୍ରହଣ କରନ୍ତୁ। ପ୍ରକଳ୍ପର ୪୦ଜଣ କର୍ମଚାରୀ ପରିଚାଳନାରେ ସହଯୋଗ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଏମ୍ (ଅପରେଶନ୍ସ) ପି. ଶିବରାମକ୍ରୀଷ୍ଣା, ଜିଏମ୍(ଏଫ୍.ଏମ୍.) କେ.କେ. ଦାସ, ଜିଏମ୍ (ଏସ୍‌ଏସ୍‌ସିସି ଆଣ୍ଡ ଏମ୍) ନବୀନ ବାଗାଇ, ଜିଏମ୍ (ମେଣ୍ଟେନାନ୍ସ) ରାଜୀବ ଖାନ୍ନା, ଏଜିଏମ୍ (ଫାଇନାନ୍ସ) ପି. ପ୍ରଧାନ, ଏଜିଏମ୍ (ଏଚ.ଆର.) କେ.ଏସ. ଶର୍ମା, ଏନ୍‌ଟିପିସି କଣିହାଁ ସ୍ପୋର୍ଟସ କାଉନସିଲ ଚେୟାରମ୍ୟାନ୍ ପି.ଆର. ବାରିକ, ସମ୍ପାଦକ ସୁଜିତ କୁମାର ପାଣି, ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଏବଂ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୧୦।୧୨**

ଅନୁଗୋଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଷ୍ଟାଡିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଦୁଇଦିନିଆ ଏହି ପ୍ରତିଯୋଗିତାରେ ମୋଟ ୧୬ଟି ଖେଳ ଅନୁଷ୍ଠିତ ହେବ। ତେବେ କନିଷ୍ଠ ଓ ବରିଷ୍ଠ ବିଭାଗରେ ମୋଟ ୮ଶହ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ବୁଧବାର ଉଦ୍‌ଯାପନୀ ଉତ୍ସବରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯିବ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ନନ୍ଦଙ୍କ ସଭାପତିତ୍ୱରେ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଓ ସମ୍ମାନିତ ଅତିଥିଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଯୋଗଦେଇଥିଲେ। ଶିକ୍ଷକ ଭାସ୍କର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରାଣବନ୍ଧୁ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚଳାନା କମିଟି ସଦସ୍ୟ ରଞ୍ଜନ କୁମାର ବେହେରା ପରିଚାଳନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ବିନୋଦ ଚନ୍ଦ୍ର ଦେହୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।


ବିଦ୍ୟାଳୟ କ୍ରୀଡ଼ା ଅବସରରେ ପ୍ରତିଯୋଗୀମାନେ।

# ବିଶ୍ୱ ମାନବାଧିକାର ଦିବସ

**ଅନୁଗୋଳ ଅଫିସ, ୧୦।୧୨**

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ କଲେଜରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ପ୍ରଭାକର ଗଣ୍ଡିଆ ଅଧ୍ୟକ୍ଷତା କରିଥିଲେ। ଜିଲା ଆଇନ ସେବା ପ୍ରଧିକରଣର ସମ୍ପାଦିକା ଅଭିନନ୍ଦିତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୁତି ସ୍ୱରୂପା ସାହୁ, ସରକାରୀ ଓକିଲ ପରମାନନ୍ଦ ମିଶ୍ର, ସୁବାସ ଚନ୍ଦ୍ର ସାହୁ, ରଜତ କୁମାର ଦାଶ, ବିପିନ ବିହାରୀ ସାହୁ, ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମାଝି, ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ଅନିଲ କୁମାର ମିଶ୍ରଙ୍କ ସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମାନବାଧିକାର ଦିବସରେ ଅଂଶଗ୍ରହଣ କରିଥିଲେ। ତେବେ ଅତିଥିଙ୍କ ଦ୍ୱାରା ମାନବର କର୍ତ୍ତବ୍ୟ, ଦାୟିତ୍ୱ ଓ ଅଧିକାର ବିଷୟରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ଜିଲା ଆଇନ ସେବା ପ୍ରାଧିକରଣ ଅନୁଗୋଳର ସମ୍ପାଦିକା ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ଛେଣ୍ଡିପଦା ଗସ୍ତ

ଛେଣ୍ଡିପଦା,୧୦ା୧୨(ସ୍ୱ.ପ୍ର.)- ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ମଙ୍ଗଳବାର ଛେଣ୍ଡିପଦା ଗସ୍ତ କରି ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ଟିମ୍ ପ୍ରଥମେ ଛେଣ୍ଡିପଦା ବ୍ଳକ ରାଇଝରଣ ଠାରେ ଏକ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ। ପରେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହିତ ଡାକ୍ତରଖାନାରେ ଲାଗି ରହିଥିବା ସମସ୍ୟା ସମ୍ପର୍କରେ ରୋଗୀମାନଙ୍କୁ ପଚାରି ବୁଝିଥିଲେ। ଏହାପରେ ଛେଣ୍ଡିପଦା ବ୍ଳକ ସଦର ମହକୁମାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ହରପ୍ରସାଦ ପଟ୍ଟନାୟକ, ଉପଦେଷ୍ଟା ପି.କେ. ପ୍ରଧାନ, ନର୍ସିଂ ବିଭାଗ ନିର୍ଦ୍ଦେଶକ ସୁଶୀଲ କର, ଅନୁଗୋଳ ସିଡିଏମ୍‌ଓ ଅମରେନ୍ଦ୍ର ନାଥ ମହାନ୍ତି ପ୍ରମୁଖ ସାମିଲ ଥିଲେ। ଏ ନେଇ ସଚିବ ହରପ୍ରସାଦ ପଟ୍ଟନାୟକ କହିଛନ୍ତି, କୋଶଳା ଓ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା କିପରି ରହିଛି ତାହାର ତଦାରଖ କରିବା ପାଇଁ ଆସିଥିଲୁ। ୨ଟି ଡାକ୍ତରଖାନାର ପରିବେଶ ସଫା ସୁତରା ରହିଛି। ଏହି ଦୁଇଟି ଡାକ୍ତରଖାନା କାୟାକଳ୍ପ ପୁରସ୍କାର ଯେମିତି ପାଇବେ ସେ ନେଇ ଉଦ୍ୟମ କରାଯିବ। ସେହିପରି ଛେଣ୍ଡିପଦାରେ କିପରି ରକ୍ତ ଭଣ୍ଡାର ଓ ସର୍ଜରୀ ବିଭାଗ ଖୋଲା ଯାଇପାରିବ ସେ ନେଇ ବନ୍ଦୋବସ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

### ମୋବାଇଲ ଦୋକାନରୁ ଚୋରି



ଛେଣ୍ଡିପଦା,୧୦ା୧୨(ସ୍ୱ.ପ୍ର.)- ଛେଣ୍ଡିପଦା ଥାନାଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଏକ ମୋବାଇଲ ଦୋକାନରୁ ମଙ୍ଗଳବାର ରାତିରେ ଚୋରି ହୋଇଛି। ଏ ନେଇ ଦୋକାନ ମାଲିକ ଛେଣ୍ଡିପଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମୋବାଇଲ ଦୋକାନର ଆଜବେଷ୍ଟ ଓ ଦୋକାନର ସିଲିଙ୍ଗ ଭାଙ୍ଗି ଦୋକନ ଭିତରେ ପଶି ୪ଟି ଛୋଟ ମୋବାଇଲ ଓ ଯନ୍ତ୍ରାଂଶ ଚୋରି କରି ନେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ଶିକ୍ଷୟିତ୍ରୀଙ୍କ ପରଲୋକ

ମାଧପୁର,୧୦ା୧୨- ଆଠମଲ୍ଲିକ ବ୍ଳକ କମ୍ପଲା ପଞ୍ଚାୟତ ଡୁଡୁମ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଉର୍ମିଳା ପ୍ରଧାନଙ୍କ କଟକ ବଡ଼ ମେଡିକାଲରେ ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ସେ ଅଞ୍ଚଳର ବିଶିଷ୍ଟ କୃଷକ ନେତା ସ୍ୱର୍ଗତ ଧବଳେଶ୍ୱର ପ୍ରଧାନଙ୍କ ଝିଅ। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ■ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ

# କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟର ସମୀକ୍ଷା



ସ୍ୱାସ୍ଥ୍ୟବିଭାଗର ୩ ଜଣିଆ ଟିମ୍ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରୁଛନ୍ତି।

**ଅନୁଗୋଳ ଅଫିସ, ୧୦ା୧୨**

ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ ହରପ୍ରସାଦ ପଟ୍ଟନାୟକ, ନର୍ସିଂ ନିର୍ଦ୍ଦେଶକ ଡାକ୍ତର ସୁଶୀଲ କୁମାର କର ଓ ଉପଦେଷ୍ଟା ପି.କେ. ପ୍ରଧାନ ଦୁଇ ଦିନିଆ ଅନୁଗୋଳ ଗସ୍ତ ଶେଷ କରି ମଙ୍ଗଳବାର ଫେରିଯାଇଛନ୍ତି। ସୋମବାର ସନ୍ଧ୍ୟାରେ ସେମାନେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ସହ ସରକାରୀ ଯୋଜନାଗୁଡ଼ିକର କିପରି ରୂପାୟନ ହେଉଛି ତାହାର ସମୀକ୍ଷା କରିଥିଲେ। ସେହିପରି ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଅଧିକାରୀମାନେ ମେଡିକାଲର ବହିର୍ବିଭାଗ ଠାରୁ ଆରମ୍ଭ କରି ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ଏହି ସମୟରେ ମେଡିକାଲରେ ଚିକିତ୍ସିତ କେତେଜଣ ରୋଗୀଙ୍କ ସହ ଆଲୋଚନା କରିଥିଲେ। ପରିଦର୍ଶନ ବେଳେ ଡାଇଲିସିସ୍ ୱାର୍ଡରେ ଅବ୍ୟବସ୍ଥା ଦେଖି କମିଟି ସଦସ୍ୟମାନେ ଖପ୍ପା ହୋଇଥିଲେ। ସେହିପରି ଅସ୍ତ୍ରୋପଚାର ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀଙ୍କୁ ଏଠାରେ ଅସ୍ତ୍ରୋପଚାର କରାଯାଉ ନ ଥିବା ଜାଣି କମିଟି ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ।

ଅଧିକାରୀମାନେ ସୋମବାର ସନ୍ଧ୍ୟା ସାଢ଼େ ସାତଟାରେ ପହଞ୍ଚିବା ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରରେ ମେଡିକାଲ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ସମୀକ୍ଷା ବୈଠକ କରିଥିଲେ। ଜିଲାରେ ଡେଙ୍ଗୁ, ମ୍ୟାଲେରିଆ, ଯକ୍ଷ୍ମା କିପରି ଭାବେ ନିୟନ୍ତ୍ରଣ କରାଯାଉଛି, ଲୋକଙ୍କୁ କିପରି ସଚେତନ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ଚକ୍ଷୁ ବିଭାଗ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ଓ ମେଡିକାଲରେ ଅସ୍ତ୍ରୋପଚାର ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା ଥିଲେ ମଧ୍ୟ କାହିଁକି ଅସ୍ତ୍ରୋପଚାର କରାଯାଉ ନାହିଁ ବୋଲି ପ୍ରଶ୍ନ କରିଥିଲେ। ତୁରନ୍ତ ଲୋକଙ୍କୁ ଏଣେ ତେଣେ ନ ପଠାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର କରିବାକୁ ସ୍ୱତନ୍ତ୍ର ସଚିବ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ବହିର୍ବିଭାଗ (କାଜୁଆଲଟି)ରୁ ୩ ଜଣିଆ ଟିମ୍ ପରିଦର୍ଶନରେ ବାହାରିଥିଲେ। ପରେ ପୁରୁଷ ୱାର୍ଡ ସହ ୩ ମହଲା ପରିଦର୍ଶନ କରିଥିଲେ। ମେଡିକାଲରେ ରୋଗୀଙ୍କୁ କିପରି ସେବା ଯୋଗାଇ ଦିଆଯାଉଛି, ବେଡସିଟ୍ ଦୈନିକ ବଦଳାଯାଉଛି କି ନାହିଁ ସେ ନେଇ ପଚାରି ବୁଝିଥିଲେ। ନୂଆକରି ଖୋଲିଥିବା ଜେରିଆଟିକ୍ ୱାର୍ଡ, ଡାଇଲିସିସ୍ ୱାର୍ଡ, ଏସ୍ଏନ୍‌ସିୟୁ, ରକ୍ତ ସିକୁଲି(ସକିଲିନ୍) ବିଭାଗ ମଧ୍ୟ ବୁଲିଥିଲେ। ଡିଏମ୍ଏଫ୍ ପାଣ୍ଠିରୁ ମେଡିକାଲକୁ ଶହେଟି ଛୋଟ ବେଡ୍ ପ୍ରଦାନ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ଉକ୍ତ ଟିମ୍ ସହ ସିଡିଏମ୍‌ଓ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି, ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇ, ଏଡିଏମ୍‌ଓ ଜନସ୍ୱାସ୍ଥ୍ୟ ବିଭାଗ ରାକେଶ କୁମାର ସାହୁ, ଏଡିଏମ୍‌ଓ ପରିବାର କଲ୍ୟାଣ ତ୍ରିଲୋଚନ ସାହୁଙ୍କ ସହ ଅନ୍ୟ ଡାକ୍ତର, ଷ୍ଟାଫନର୍ସ ଓ ମେଡିକାଲ ପରିଚାଳକ ଉପସ୍ଥିତ ଥିଲେ।

### ବଦଳିବ ମେଡିକାଲ ଚିତ୍ର

**ଅନୁଗୋଳ ଅଫିସ, ୧୦ା୧୨:** ରାଜ୍ୟ ସରକାରଙ୍କ ମୋ ସରକାର ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ରୂପରେଖ ବଦଳିବ। ଏପରି କି ଜିଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବର୍ତ୍ତମାନର ଶଯ୍ୟା ସଂଖ୍ୟା ୧୯୨ରୁ ୩ଶହକୁ ବୃଦ୍ଧି କରାଯିବ। ସେହିପରି ମେଡିକାଲ ପରିସରରେ ଏକ ନୂତନ ଗୃହ ମଧ୍ୟ ନିର୍ମାଣ କରାଯିବ। ଡାଇଲିସ୍‌ସ ୟୁନିଟ୍‌କୁ ବୃଦ୍ଧି କରାଯିବା ସହ ଅତ୍ୟାଧୁନିକ ଆଇସିୟୁ ମଧ୍ୟ ନିର୍ମାଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏଥିସହ ଆନେସ୍ଥେସିଆ ୱାର୍କ ସେକସନ୍ ମେସିନ୍ ଓ ନୂଆ ଇସିଜି ବ୍ୟବସ୍ଥା ପାଇଁ ଅନୁମତି ମିଳିଛି ବୋଲି ମେଡିକାଲ ସୂତ୍ରରୁ ସୂଚନା ମିଳିଛି।

# କଳାକାରଙ୍କ ଦ୍ୱାରା ସଂସ୍କୃତି ବଞ୍ଚି ରହିଛି



କଳାକାରମାନେ ପାଲା ପରିବେଷଣ କରୁଛନ୍ତି।

**ବଇଣ୍ଡା,୧୦ା୧୨(ଡି.ଏନ.ଏ.)**

କିଶୋରନଗର ବ୍ଳକ ବଇଣ୍ଡା ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଗୀତା ଜୟନ୍ତୀ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ରନାଥ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀକୁ ଚିତ୍ରଶିଳ୍ପୀ ଲକ୍ଷ୍ମଣ ବେହେରା ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପାଲା ଗାୟକ ଜଗତମୋହନ ମିଶ୍ର, ବିଦ୍ୟାଳୟ ସଭାପତି ସନାତନ ସାହୁ, ପୂର୍ବତନ ସମ୍ପାଦକ ଗୁଣନିଧି ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର କୁମାର ବେହେରା, ବାଲୁକା ଶିଳ୍ପୀ ରୁବେଲାଲ ପ୍ରଧାନ ପ୍ରମୁଖ ଯୋଗ ଦେଇ କଳାକାରଙ୍କ ଦ୍ୱାରା ସଂସ୍କୃତି ବଞ୍ଚି ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପାଲା, ଦଣ୍ଡନୃତ୍ୟ ପରିବେଷଣ କରାଯିବା ସହ ଅନେକ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ସାହୁ ପରିଚାଳନା କରିଥିବାବେଳେ ଜୋସ୍ନାମୟୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଆଚାର୍ଯ୍ୟମାନେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଆଘାତରେ ଆହତ ଯୁବକଙ୍କ ମୃତ୍ୟୁ

**ତିହିଡ଼ି,୧୦ା୧୨(ଡି.ଏନ୍.ଏ.):**

ଭଦ୍ରକ ଜିଲା ତିହିଡ଼ି ଥାନା ମୁକୁନ୍ଦପୁର ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମର ମାନସ କୁମାର ସାହୁ (୨୧) ନାମକ ଜଣେ ଯୁବକ ୧୧ କେ.ଭି. ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଥିବାବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଗତ ୪ତାରିଖରେ ମାନସ ତିହିଡ଼ି ବଜାରରେ ଥିବା ଜଣେ ବ୍ୟକ୍ତିଙ୍କ ଘର ଛାତରେ ଟାଇଲ୍ କାମ କରୁଥିଲେ। ସେହି ଛାତ ଉପରେ ଯାଇଥିବା ୧୧ କେ.ଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ସେ ଆସି ଗୁରୁତର ଆହତ ହୋଇଥିଲେ।

# ଶିକ୍ଷକ-ଅଭିଭାବକଙ୍କ ମଧ୍ୟରେ ସମନ୍ୱୟ ରହୁ



ବୈଠକରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା,୧୦ା୧୨(ଡି.ଏନ.ଏ.)**

କିଶୋରନଗର ବ୍ଳକ ଫୁଲାମ୍ବା ହାଇସ୍କୁଲ ପରିସରରେ ସୋମବାର ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରେମରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବ୍ଳକ ସମ୍ପ୍ରସାରଣ ଅଧିକାରୀ ରାଜେନ୍ଦ୍ର କୁମାର ବନରା ଯୋଗଦେଇ ବିଦ୍ୟାଳୟରେ ଚାଲିଥିବା ଶିକ୍ଷାଦାନ, ସ୍ୱଚ୍ଛତା, ପାନୀୟ ଜଳ, ଛାତ୍ରାବାସର ସୁପରିଚାଳନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ବିଦ୍ୟାଳୟର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାରେଶ୍ୱର ସାହୁ, ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ପ୍ରଦୀପ କୁମାର ମାଝି, ସସ୍ମିତା ଗଡ଼ନାୟକ, ସୁରେଶ ଚନ୍ଦ୍ର ଦ୍ୱିବେଦୀ, ସୁବଳ ବୁଧିଆ, ଅଞ୍ଜନା ସାହୁ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ସ୍ୱାମୀ ଅଟକ

**ଖଇରା,୧୦ା୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଉଁଶଗଡିଆ ଗ୍ରାମର ତେଜସ୍ୱିନୀ ନାୟକ(୧୮) ନାମ୍ନୀ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ମା' ଥାନାରେ ଅଭିଯୋଗ କରିବା ପରେ ଖଇରା ପୋଲିସ ସୋମବାର ଏକ ମାମଲା(ନଂ.୨୬୧/୧୯)ରୁଜୁ କରିଛି। ପୋଲିସ ମଙ୍ଗଳବାର ତେଜସ୍ୱିନୀଙ୍କ ସ୍ୱାମୀଙ୍କୁ ଅଟକ ରଖି ପଚରାଉଚୁରା କରିଛି । ମା'ଙ୍କ ଅଭିଯୋଗ ଅନୁଯାୟୀ, ତେଜସ୍ୱିନୀ ପ୍ରେମ ବିବାହ କରିଥିଲେ। ୯ତାରିଖ ସକାଳେ ତାଙ୍କ ବଡ ଶ୍ୱଶୁର ତେଜସ୍ୱିନୀଙ୍କ ମୃତ୍ୟୁ ହୋଇଥିବା ଫୋନ ଯୋଗେ ଜଣାଇଥିଲେ । ଶାରିରୀକ ଓ ମାନସିକ ନିର୍ଯାତନା ସହି ନ ପାରି ଝିଅର ମୃତ୍ୟୁ ହୋଇଥିବା ସେ ଉଲ୍ଲେଖ କରିଛନ୍ତି।

# ପାଲଲହଡ଼ା କପ୍ : କେନ୍ଦୁଝର ସେମିରେ





ଶ୍ରେଷ୍ଠ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

**ପାଲଲହଡା,୧୦ା୧୨(ଡି.ଏନ.ଏ.)**

ସ୍ଥାନୀୟ ପାଲଲହଡା ଷ୍ଟାଡିୟମଠାରେ କବସ କ୍ଲବ ଅନୁକୂଲ୍ୟରେ ଚାଲିଥିବା ୨୧ ତମ ପାଲଲହଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ପୋଲ୍-ବି ଦ୍ୱିତୀୟ ମ୍ୟାଚରେ ରାଉରକେଲା ଏକାଦଶକୁ ୩୨ ରନରେ ହରାଇ କେନ୍ଦୁଝର ଏକାଦଶ ଦ୍ୱିତୀୟ ସେମିଫାଇନାଲନରେ ପ୍ରବେଶ କରିଛି। କେନ୍ଦୁଝର ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୭୨ ରନ କରିଥିଲା। ଜବାବରେ ରାଉରକେଲା ଏକାଦଶ ୧୪୦ ରନ କରି ପରାସ୍ତ ହୋଇଥିଲା। କେନ୍ଦୁଝର ଏକାଦଶର ଅଭିଜିତ ଘାନା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଜିତ ପ୍ରଧାନ, ରଞ୍ଜିତ କୁମାର ସାମଲ ପରିଚାଳନା କରିଥିଲେ। ବୁଧବାର କେନ୍ଦୁଝର ଏକାଦଶ ଏବଂ ପାଲଲହଡା କବସ କ୍ଲବ ମଧ୍ୟରେ ସେମିଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। କବସ କ୍ଲବ ସଭାପତି ଅଜିତ କୁମାର ପ୍ରଧାନ, ସମ୍ପାଦକ ଦୀପକ କୁମାର ସାହୁ, ପ୍ରଶାନ୍ତ ଦାଶ, ସୁମନ ନାୟକ, ମନୋରଞ୍ଜନ ପ୍ରଧାନ, ହରିହର ପାଣି ପ୍ରମୁଖ ସହଯୋଗ କରିଥିଲେ।

# ୨ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା





୨ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବଇଣ୍ଡା,୧୦ା୧୨(ଡି.ଏନ.ଏ.)**

କିଶୋରନଗର ବ୍ଳକ ବଇଣ୍ଡା ଜନତା କଲେଜର ପ୍ରଥମ ବର୍ଷ କଳା ଛାତ୍ର ମନୋଜ ଶଙ୍ଖାରୀ ଓ ଜ୍ଞାନରଞ୍ଜନ ସାହୁ ଭୋପାଳଠାରେ ହେବାକୁ ଥିବା ଆନ୍ତଃ ରାଜ୍ୟସ୍ତରୀୟ ସପ୍ଟବଲ ଟେନିସ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ଦଳ ତରଫରୁ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଓଡ଼ିଶା ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ନିକଟରେ ହୋଇଥିବା ଆନ୍ତଃ କଲେଜସ୍ତରୀୟ ଟୁର୍ନାମେଣ୍ଟରେ ଉଭୟେ ସୁନାମ ଅର୍ଜନ କରିଥିବାରୁ ସେମାନଙ୍କୁ ଚୟନ କରାଯାଇଛି। ଏହି ଅବସରରେ ୨ କ୍ରୀଡ଼ାବିତ୍‌ଙ୍କୁ ମଙ୍ଗଳବାର କଲେଜ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜ ଅଧ୍ୟକ୍ଷ ସିଦ୍ଧାର୍ଥ କୁମାର ପଣ୍ଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କାଳନ୍ଦୀଚରଣ ପ୍ରଧାନ, ଡ. ସବିତା ପଟ୍ଟନାୟକ, ଚନ୍ଦ୍ରଶେଖର ସିଂ, ବିଜୟ ପ୍ରଧାନ, ଅସିତ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ■ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଉଦ୍‌ଯାପିତ

# ରାଜ୍ୟସ୍ତରୀୟ ପାଇଁ ୪ ମନୋନୀତ

**ଅନୁଗୋଳ ଅଫିସ, ୧୦ା୧୨**

ଅନୁଗୋଳ ଟାଉନ ହାଇସ୍କୁଲରେ ଅନୁଷ୍ଠିତ ୯ମ ଜିଲାସ୍ତରୀୟ ବିଜ୍ଞାନମେଳା ଉଦ୍‌ଯାପିତ ହୋଇଛି। ତେବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ଡେରା କଲିୟରୀ ଉଚ୍ଚ ବିଦ୍ୟାଳୟ, ନେହେରୁ ଉଚ୍ଚ ବିଦ୍ୟାଳୟ ଓ ପିଟିସି ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ନିର୍ମିତ ପ୍ରକଳ୍ପ ମନୋନୀତ ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଜ୍ଞାନମେଳାରେ ସର୍ବାଧିକ ୧୨୪ଟି ପ୍ରକଳ୍ପ ଉପସ୍ଥାପନ କରିଥିବାରୁ ତାଳଚେର ବ୍ଳକ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡଙ୍କୁ ୱିନିଂ ସିଲ ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରତ୍ୟେକ ବିଭାଗରେ ଶ୍ରେଷ୍ଠତା ପାଇଁ ଆହ୍ୱାନ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗଦେଇ ଏହା ବିଜ୍ଞାନମେଳା ନୁହେଁ, କୁନି କୁନି ବୈଜ୍ଞାନିକମାନଙ୍କ ମେଳା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଡ. ସରୋଜ କୁମାର ବକ୍ତବ୍ୟ ରଖି କହିଥିଲେ ଯେ, ବୈଜ୍ଞାନିକ ଚିନ୍ତାଧାରାର ପରିପନ୍ଥୀ ସମାଜକୁ ବିଭ୍ରାନ୍ତି କରିଥାଏ। ସମଗ୍ର ଶିକ୍ଷାର ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଟାଉନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ଗୁଣ୍ଡିଚାରାଣୀ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଭିନ୍ନ ବ୍ଳକ ଶିକ୍ଷା ଅଧିକାରୀ, ଟାଉନ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଶିକ୍ଷାବିତ୍ ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ମହିଳା ହିଂସା ବିରୋଧି ଅଭିଯାନ





ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

**ଛେଣ୍ଡିପଦା,୧୦ା୧୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଳକ ସଭାଗୃହଠାରେ ମଙ୍ଗଳବାର ଅଲିଭା ପଞ୍ଚାୟତ ମହିଳା ପ୍ରତିନିଧିଙ୍କୁ ନେଇ ମହିଳା ହିଂସା ବିରୋଧୀ ଅଭିଯାନର ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି କର୍ମଶାଳା ଦି ହଙ୍ଗର ପ୍ରୋଜେକ୍ଟ ନୂଆଦିଲ୍ଲୀର ସହାୟତାରେ ଅନୁଗୋଳ ନାରୀ ସୁରକ୍ଷା ସମିତି ପକ୍ଷରୁ ଆୟୋଜନ ହୋଇଥିଲା। ସମିତି ସମ୍ପାଦିକା ସ୍ମିତାରାଣୀ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି କର୍ମଶାଳାରେ ଛେଣ୍ଡିପଦା ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଛେଣ୍ଡିପଦା ବ୍ଳକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କର୍ମଶାଳାରେ ମହିଳା ଓ ବାଳିକାମାନଙ୍କ ଉପରେ ଶାରୀରିକ, ମାନସିକ, ଆର୍ଥିକ, ଯୌନଗତ, ଯୁବତୀ ଚାଲାଣକୁ ରୋକିବା, ଲିଙ୍ଗୀୟ ଭିତ୍ତିକ ଭାବନା କ'ଣ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ସେହିପରି ପରିବାର ଓ ପଞ୍ଚାୟତସ୍ତରରେ ମହିଳା ହିଂସାକୁ ରୋକିବା ସହିତ ପଞ୍ଚାୟତକୁ ହିଂସା ମୁକ୍ତ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ନାରୀ ସୁରକ୍ଷା ସମିତିର କର୍ମୀ ସୁରେଶ ନାୟକ, ଅନା ମହାଖୁଡ ପ୍ରମୁଖ ସହଯୋଗ କରିଥିଲେ।

ଧରିତ୍ରୀ
DHARITRI




## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ବଇଣ୍ଡା,୧୦।୧୨(ଡି.ଏନ.ଏ.)**

ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବରହମ ଗ୍ରାମର ଦୀନବନ୍ଧୁ ପ୍ରଧାନ ବଳାତ୍କାର କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୩୪/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୀନବନ୍ଧୁଙ୍କୁ ଗିରଫ କରିଛି। ଘଟଣାରୁ ଜଣାପଡ଼ିଛି, ସମ୍ପୃକ୍ତା ନାବାଳିକାଙ୍କୁ ଦୀନବନ୍ଧୁ କିଛିଦିନ ତଳେ ବିଭିନ୍ନ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲେ। ପରେ ତାଙ୍କୁ ବଳାତ୍କାର କରାଯାଇଥିବା ତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।




## ହଣ୍ଡପା ଥାନା ପକ୍ଷରୁ ଗାଡ଼ିମୋଟର ଯାଞ୍ଚ

**ବଇଣ୍ଡା,୧୦।୧୨(ଡି.ଏନ.ଏ.)**

୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ଜାମୁନାଳୀ ନିକଟରେ ପୋଲିସ ପକ୍ଷରୁ ଗାଡ଼ିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍ ଅଟକାଇ କାଗଜପତ୍ର, ହେଲମେଟ୍ ଆଦି ଯାଞ୍ଚ କରାଯାଇଥିଲା। ଏଥିରେ ୪ଟି ମାମଲା ରୁଜୁ କରାଯାଇ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଥାନା ସେକେଣ୍ଡ ଅଫିସର ସୁରଜ କୁମାର ଦାସ, ଏଏସ୍ଆଇ ପି.କେ. ଆଇଚ ଯାଞ୍ଚ କରିଥିଲେ।

## ବାର୍‌ହା ମାଂସ ଜବତ, ଜଣେ ଗିରଫ

**ବଇଣ୍ଡା,୧୦।୧୨(ଡି.ଏନ.ଏ.):** କିଶୋରନଗର ଥାନା ଡୁରୁଡା ଗ୍ରାମରେ ରବିବାର ରାତିରେ ବନ ବିଭାଗ ଚଢାଉ କରି ପ୍ରତିଶୋଧ ବେହେରାଙ୍କଠାରୁ ୧୧ କେଜି ବାର୍‌ହା ମାଂସ ଜବତ କରିବା ସହିତ ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବେ ମାଂସ ଆଣି ବିକ୍ରି କରୁଥିବା ଖବରପାଇ ବନ ବିଭାଗ ଚଢାଉ କରିଥିଲା।

## ଚୋରା ଡିଜେଲ ସହ ଅଟୋ ଜବତ, ୨ ଗିରଫ

**ବଇଣ୍ଡା,୧୦।୧୨(ଡି.ଏନ.ଏ.)**

ନାକିଚି-ଠାକୁରଗଡ଼ ପୂର୍ତ୍ତ ବିଭାଗ ରାସ୍ତାର ତିଳେଶ୍ୱର ନିକଟରୁ ସୋମବାର ସନ୍ଧ୍ୟାରେ ଚୋରା ଡିଜେଲ ବୋଝେଇ ଏକ ପାସେଞ୍ଜର ଅଟୋକୁ ଠାକୁରଗଡ଼ ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଆଠମଲ୍ଲିକ ଥାନା ମାଣିତ୍ରୀ ଗ୍ରାମର ବାବୁଲା ପ୍ରଧାନ, ଫିରୋଜ କୁମାର ପ୍ରଧାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୪୮୦ ଲିଟର ଡିଜେଲ ଜବତ କରାଯାଇଛି। ପୋଲିସ କହିଛି, ନାକିଚି ଅଞ୍ଚଳରୁ ବାବୁଲା ଓ ଫିରୋଜ ସେମାନଙ୍କ ପାସେଞ୍ଜର ଅଟୋ (ନଂ. ଓଡି୧୯-୫୦୮୭)ଯୋଗେ ୮ଟି ଜାରକିନରେ ଚୋରା ଡିଜେଲ ଧରି ଆଠମଲ୍ଲିକ ଅଭିମୁଖେ ଯାଉଥିବାବେଳେ ଖବରପାଇ ଠାକୁରଗଡ଼ ଥାନା ସେକେଣ୍ଡ ଅଫିସର ସୁରେଶ ଚନ୍ଦ୍ର ବେହେରା, ଟାପଡୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ ଚଢାଉ କରିଥିଲେ। ଏ ନେଇ ନଂ. ୧୩୩/୧୯ରେ ଏକ ମାମଲା ରୁଜୁ କରାଯାଇ ବାବୁଲା ଓ ଫିରୋଜଙ୍କୁ ମଙ୍ଗଳବାର ଆଠମଲ୍ଲିକ କୋର୍ଟ ଚାଲାଣ କରାଯାଇଛି।

## ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍, ଚାଳକ ମୃତ



**ବଅଁରପାଳ,୧୦।୧୨(ଡି.ଏନ.ଏ.)**

୧୪୯ନଂ. ଜାତୀୟ ରାଜପଥର ବଅଁରପାଳ ହସ୍ପିଟାଲ ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ଜଣେ ଟ୍ରକ୍ ଚାଳକଙ୍କ ଜୀବନ ଯାଇଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ୍(ନଂ. ଓଡି ୩୫ଏ-୭୦୧୧)କୁ ପଛରୁ ଆସୁଥିବା ଅନ୍ୟ ଏକ ଟ୍ରକ୍(ନଂ.ଓଡି୩୫ଏ-୮୭୪୬) ଦ୍ରୁତ ଗତିରେ ଆସି ଧକ୍କା ଦେବାରୁ ଉକ୍ତ ଟ୍ରକ୍ ଚାଳକ ପୁରୁଣାକୋଟ ଅଞ୍ଚଳର ଜିତୁ ପ୍ରଧାନ(୨୪)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଦୀର୍ଘସମୟ ଧରି ରାସ୍ତାଜାମ ହୋଇଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ଉଦ୍ୟାନ କୃଷି ତାଲିମ କାର୍ଯ୍ୟକ୍ରମ

**ଢେଙ୍କାନାଳ ଅଫିସ, ୧୦।୧୨**

ଢେଙ୍କାନାଳ ସଦର ବ୍ଲକ ନାଗିଆପଶି ଗ୍ରାମରେ ୟୁକୋ ବ୍ୟାଙ୍କ ଆତ୍ମନିଯୁକ୍ତି ତାଲିମ ଅନୁଷ୍ଠାନ ପକ୍ଷରୁ ଉଦ୍ୟାନ କୃଷି ତାଲିମ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଡ. ଭଗବାନ ଦାସ, ଉଦ୍ୟାନ କୃଷି ଅଧିକାରୀ ମାନସ କୁମାର ମହାପାତ୍ର, ଆର୍ଥିକ ସାକ୍ଷରତା ପରାମର୍ଶଦାତା ରବି ନାରାୟଣ ତ୍ରିପାଠୀ, ନିର୍ଦ୍ଦେଶିକା ପୁଷ୍ପଲତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଚାଷୀ ପରିବାରର ଆର୍ଥିକ ମାନଦଣ୍ଡ ସଶକ୍ତ କରାଇବାକୁ ଉଦ୍ୟାନ କୃଷି ସର୍ବୋତ୍କୃଷ୍ଟ ଚାଷ ପଦ୍ଧତି। ଏହାଦ୍ୱାରା ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବେ। ଏହାକୁ କରିବାକୁ ହେଲେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୩୫ ଜଣ ମହିଳା ଯୋଗଦେଇ ତାଲିମ ନେଇଥିଲେ। ୧୦ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମକୁ ପ୍ରଶିକ୍ଷକ ସୁଚିତ୍ରା ଗଡନାୟକ, ଚିନ୍ମୟ କୁମାର ଜେନା, କାଦମ୍ବରୀ ମହାକୁଡ଼, ପ୍ରଣବ ରଞ୍ଜନ ମିଶ୍ର ପରିଚାଳନା କରୁଛନ୍ତି।

**■ତାଳଚେର ବିଧାୟକଙ୍କ କାର ପୋଡ଼ି ଘଟଣା**

## ବିଜେଡି ପକ୍ଷରୁ ଆଉ ଏକ ଏତଲା

**ତାଳଚେର,୧୦।୧୨(ନି.ପ୍ର.)**

ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ଗାଡ଼ି ପୋଡ଼ି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ଜନୈକ ଯୁବକଙ୍କ ନାମରେ ମଙ୍ଗଳବାର ବିକ୍ରମପୁର ଥାନାରେ ବିଜେଡି ଯୁବ ନେତା ମନୋଜ ସାହୁ ଏତଲା ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ସମ୍ପୃକ୍ତ ଯୁବକ ଜଣକ ଗତ ୪ ତାରିଖରେ ନିଜ ଫେସବୁକ୍ ଆକାଉଣ୍ଟରେ ବିଧାୟକ ଏବଂ ଉକ୍ତ କାର୍ ସମ୍ପର୍କରେ କିଛି ଟିପ୍ପଣୀ ଦେଇଥିଲେ। ଏହା ବିଧାୟକଙ୍କ ସମ୍ମାନ ହାନି କରୁଥିବା ବେଳେ ଉକ୍ତ ପୋଷ୍ଟର ମାତ୍ର ୩ ଦିନ ପରେ ଗାଡ଼ି ପୋଡ଼ି ଦିଆଯାଇଥିବାରୁ ଘଟଣାରେ ସମ୍ପୃକ୍ତ ଯୁବକଙ୍କ ହାତ ଥାଇପାରେ ବୋଲି ସନ୍ଦେହ କରାଯାଉଛି। ଏଣୁ ଏହାର ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନୋଜ ଦାବି କରିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ଯୁବକ କାର୍ ପୋଡ଼ା ଘଟଣାରେ ତାଙ୍କ ସମ୍ପୃକ୍ତି ଅଭିଯୋଗକୁ ଅସ୍ୱୀକାର କରିବା ସହ ତାଙ୍କ ବିରୋଧରେ ଏତଲାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏ ନେଇ ଥାନା ଆଇଆଇସି ଧ୍ରୁଲେଶ୍ୱର ନାୟକ କହିଛନ୍ତି, ଅଭିଯୋଗ ମିଳିଛି। ଏହା ଉପରେ ତଦନ୍ତ ଜାରି ରହିଛି। ଯେହେତୁ କାର ପୋଡ଼ି ଘଟଣାରେ ଗୋଟିଏ ମାମଲା ରୁଜୁ କରାଯାଇଛି, ତେଣୁ ଆଉ ଏକ ମାମଲା ରୁଜୁ କରାଯିବା ଆବଶ୍ୟକ ନୁହେଁ ବୋଲି ଆଇଆଇସି ପ୍ରକାଶ କରିଛନ୍ତି।










Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ